## ଚିକିତ୍ସାଧୀନ ଗୁରୁତରଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ**- ଅନୁଗୋଳ ଜିଲା ବନ୍ତଲା ଥାନା ବଡକନ୍ତକୁଳ ଗାଁରେ ଗତ ୩୦ ତାରିଖ ରାତିରେ ଗୁଳିକାଣ୍ଡ ଘଟଣାରେ ଗୁରୁତର ହୋଇଥିବା ଅଖିଳ ବେହେରାଙ୍କ ମଙ୍ଗଳବାର କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଖିଳ ବେହେରାଙ୍କୁ ସେହି ଗ୍ରାମର ଶିଶିର ସାହୁ ଦେଶୀ ବନ୍ଧୁକରୁ ଗୁଳି କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ୪୪ ପଜିଟିଭ୍, ୬ ଜୀବନ ଗଲା

**ଅନୁଗୋଳ ଅଫିସ,୨୭।୭:** ଅନୁଗୋଳ ଜିଲାରେ ମଙ୍ଗଳବାର ୪୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୮୩୧ରେ ପହଞ୍ଚିଥିବା ଜିଲାପାଳ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୧୧ ଜଣ, ତାଳଚେର ବ୍ଲକରୁ ୬, ଅନୁଗୋଳ ବ୍ଲକରୁ ୫, ଛେଣ୍ଡିପଦା ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୩, କଣିହାଁ ବ୍ଲକରୁ ୩, କିଶୋରନଗର ବ୍ଲକରୁ ୩, ତାଳଚେର ପୌରାଞ୍ଚଳରୁ ୨ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ କରୋନାରେ ୬ ଜଣଙ୍କ ଜୀବନ ଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୨୩୫ରେ ପହଞ୍ଚିଛି। ସେହିଭଳି ଦିନକରେ କରୋନାରୁ ୧୧୦ ଜଣ ସୁସ୍ଥ ହୋଇଛନ୍ତି।

### ଛାତ୍ରୀଛାତ୍ରଙ୍କୁ ମାସ୍କ ବାଣ୍ଟିଲେ ବିଧାୟକ



**ପାଲଲହଡ଼ା,୨୭।୭(ଡି.ଏନ.ଏ.):** ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଉପଖଣ୍ଡର ଶିଗଡ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏଥିସହ କରୋନା ମହାମାରୀଠାରୁ ରକ୍ଷା ପାଇବା ନିମନ୍ତେ ମାର୍ଗଦର୍ଶିକାକୁ ସୁଚାରୁରୂପେ ପାଳନ କରାଯାଉଛି କି ନାହିଁ ତାହାର ତଦାରଖ କରିଥିଲେ। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ହାତଧୋଇବା, ସାନିଟାଇଜର ବ୍ୟବହାର କରିବା ତଥା ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସଚେତନ କରିଥିଲେ। ପରେ ପ୍ରଧାନଶିକ୍ଷକଙ୍କ ସହିତ ସମସ୍ୟା ଉପରେ ଆଲୋଚନା କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ।

# ଦୂର ହେଉନି କ୍ଷତିଗ୍ରସ୍ତଙ୍କ ଦୁଃଖ

**ମନୋଜ ନନ୍ଦ**
**ତାଳଚେର,୨୭।୭**

କୋଇଲା ଖଣି ଓ ଶିଳ୍ପ ପାଇଁ ଘରଦ୍ୱାର ହରାଇବାକୁ ପଡ଼ିଲା। ଏକର ଏକର ଜମି ଉପରୁ ଅଧିକାର ଛାଡ଼ିବାକୁ ହେଲା। ହେଲେ ନିୟମ ଅନୁଯାୟୀ ଏହି କ୍ଷତିଗ୍ରସ୍ତମାନଙ୍କ ମଧ୍ୟରୁ ଅନେକଙ୍କୁ ଏଯାଏ ଖଣିରେ କର୍ମନିଯୁକ୍ତି ମିଳିନାହିଁ। ଜମି ବାବଦ ଉଚିତ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇ ନାହିଁ। ବିସ୍ଥାପନ କଲୋନୀରେ ରହି କିଏ ଉପେକ୍ଷିତ ତ ଆଉ କିଏ ବିସ୍ଥାପିତ ହେବାକୁ କରିଚାଲିଛି ଦାବି। ହେଲେ ବର୍ଷ ବର୍ଷ ଧରି ଏସବୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। କାରଣ ଅନୁଗୋଳ ଜିଲା ତାଳଚେରଠାରେ ଥିବା ଏମ୍‌ସିଏଲ୍ ଏବଂ ଏନ୍‌ଟିପିସି ଥଇଥାନ ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧୦ ବର୍ଷ ହେଲା ତାଲା ଝୁଲାଇ ଦିଆଯାଇଛି। ଏଠାରେ ଥଇଥାନ ଅଧିକାରୀ ନିଯୁକ୍ତି ଦିଆଯାଉ ନ ଥିବାରୁ ଏମ୍‌ସିଏଲ୍ ଓ ଏନ୍‌ଟିପିସି ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ଉଚିତ ନ୍ୟାୟ ମିଳିପାରୁ ନାହିଁ।

କଳାହୀରାର ସହର ତାଳଚେରରେ ରହିଛି ଏମ୍‌ସିଏଲ୍‌ର ୯ଟି କୋଇଲା ଖଣି। ଏଥିସହ ଟିଟିପିଏସ୍ ଓ କଣିହାଁଠାରେ ଏନ୍‌ଟିପିସି ରହିଛି। ଏହିସବୁ ପ୍ରକଳ୍ପ ନିମନ୍ତେ ସହସ୍ରାଧିକ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ବହୁ ସଂଖ୍ୟକ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ସେଥିପାଇଁ ଏଠାରେ ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣକୁ ନେଇ ଆରମ୍ଭରୁ ସମସ୍ୟା ଲାଗି ରହୁଛି। ନ୍ୟାୟ ନ ପାଇ କ୍ଷତିଗ୍ରସ୍ତମାନେ ଆନ୍ଦୋଳନ କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହାର ସମାଧାନ ପାଇଁ ୧ ଏପ୍ରିଲ ୧୯୯୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏମ୍‌ସିଏଲ୍ ଓ ଏନ୍‌ଟିପିସି ଥଇଥାନ ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲାଯାଇଥିଲା। ମୋହନ ପ୍ରସାଦ ମିଶ୍ର ପ୍ରଥମ ଅତିରିକ୍ତ ଜିଲାପାଳ ଓ ଥଇଥାନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ପରେ ସଚ୍ଚିଦାନନ୍ଦ ଦାସ, ହେମନ୍ତ କୁମାର ଦାସ, ତାରାଶଙ୍କର



ତାଳଚେରଠାରେ ଥିବା ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପଡ଼ିଛି।

- ୧୦ ବର୍ଷ ହେଲା ନାହାନ୍ତି ଥଇଥାନ ଅଧିକାରୀ
- ତାଳଚେରସ୍ଥିତ କାର୍ଯ୍ୟାଳୟରେ ଝୁଲୁଛି ତାଲା
- ବିସ୍ଥାପନ, କ୍ଷତିପୂରଣ ସମସ୍ୟାର ସମାଧାନ ହେଉନି

ଚକ୍ରବର୍ତ୍ତୀ, ଗୁଣନିଧି ଜେନା, ତାରାଶଙ୍କର ଚକ୍ରବର୍ତ୍ତୀ, ବନ୍ଧୁ ବିହ୍ଲୋର ଓ ଉଦ୍ଧବ ଚରଣ ମାଝି କ୍ରମାଗତ ଭାବେ ଏହି ପଦବୀରେ ଅଧିଷ୍ଠିତ ଥିଲେ। ହେଲେ ଏହାର ମୁଖ୍ୟ ଭୂ-ଅର୍ଜନ ଅଧିକାରୀଙ୍କ ଅଫିସ ଅନୁଗୋଳରେ ରହିଲା। ଫଳରେ ତାଳଚେରରେ ଥଇଥାନ ଅଧିକାରୀଙ୍କ ଅଫିସ ଖୋଲାଯାଇଥିଲେ ମଧ୍ୟ ସମସ୍ତ କାମ ଅନୁଗୋଳରେ ଚାଲିଲା। ସେହିପରି ଥଇଥାନ ଅଧିକାରୀମାନେ ଅନୁଗୋଳରେ ରହିବାରୁ ତାଳଚେର ଅଫିସ ସ୍ଥାଣୁ ପାଲଟିଗଲା। ଏପରି କି ୨୦୧୧ ପରଠାରୁ ତାଳଚେରସ୍ଥିତ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ଭାବେ ତାଲା ଝୁଲାଇ ଦିଆଗଲା। କୌଣସି କର୍ମଚାରୀ ଏଠାରେ ନ ଥିବାବେଳେ ୨ଜଣ ପିଅନଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଗଲା। ଫଳରେ ଏମ୍‌ସିଏଲ୍ ଓ ଏନ୍‌ଟିପିସି କ୍ଷତିଗ୍ରସ୍ତମାନଙ୍କ ସମସ୍ୟା ବର୍ଷ ବର୍ଷ ଧରି କେବଳ ଫାଇଲରେ ଗଡ଼ିଚାଲିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ସ୍ୱତନ୍ତ୍ର ଏଡିଏମ୍ ପଦବୀ ନାହିଁ



ତାଳଚେରରେ ସ୍ୱତନ୍ତ୍ର ଭାବେ କୌଣସି ଏଡିଏମ୍ ପଦବୀ ନାହିଁ। ଏଠାରେ ଥିବା ଉପଜିଲାପାଳ ହିଁ ଏନ୍‌ଟିପିସି ଓ ଏମ୍‌ସିଏଲ୍‌ର ଥଇଥାନ ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି।

-ବିଶ୍ୱରଞ୍ଜନ ରଥ, ଉପଜିଲାପାଳ, ତାଳଚେର

### ଠିକ୍ ଭାବେ ଅଭିଯୋଗ କରିହେଉନି



ତାଳଚେରର କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଖୋଲାଯାଇଥିବା ଅଫିସରେ ଦୀର୍ଘବର୍ଷ ହେଲା ତାଲା ପଡିଛି। ଫଳରେ କ୍ଷତିଗ୍ରସ୍ତମାନେ ସେମାନଙ୍କ ଆପତ୍ତି, ଅଭିଯୋଗ ଠିକ୍ ଭାବେ କରିପାରୁ ନାହାନ୍ତି। ଉକ୍ତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା।

-ଚୈତନ୍ୟ ପ୍ରଧାନ, ତାଳଚେର

### କ୍ଷତିଗ୍ରସ୍ତ ଅନୁଗୋଳ ଦୌଡୁଛନ୍ତି



କ୍ଷତିଗ୍ରସ୍ତମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଏହି ଅଫିସ ଖୋଲାଯାଇଥିଲା। ତାଳଚେରରେ ଏପରି ଏକ କାର୍ଯ୍ୟାଳୟର ଅତ୍ୟନ୍ତ ଆବଶ୍ୟକତା ରହିଛି। କିନ୍ତୁ ଦୁଃଖର ବିଷୟ ଦୀର୍ଘବର୍ଷ ହେବ ଏହା ବନ୍ଦହୋଇ ପଡ଼ିରହିଛି। ଜନସାଧାରଣ ଅଭିଯୋଗ କରିବାକୁ ଅନୁଗୋଳ ଦୌଡି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

-ମୁରଲୀଧର ସାହୁ, ସଭାପତି, ତାଳଚେର ସୁରକ୍ଷା ମଞ୍ଚ

### କେବଳ ରାଜସ୍ୱ ନେଉଛନ୍ତି ସରକାର



ଏମ୍‌ସିଏଲ୍ ଓ ଏନ୍‌ଟିପିସି ଦ୍ୱାରା କ୍ଷତିଗ୍ରସ୍ତଙ୍କ ଦୁଃଖ ବୁଝିବାକୁ ଖୋଲାଯାଇଥିବା ଅଫିସର ପ୍ରମୁଖ କାର୍ଯ୍ୟାଳୟକୁ ଅନୁଗୋଳରେ ରଖାଗଲା। ତାଳଚେରରୁ ବିପୁଳ ରାଜସ୍ୱ ପାଉଥିବା ରାଜ୍ୟ ସରକାର ଏଠାରେ ଜଣେ ଅଧିକାରୀ ନିଯୁକ୍ତି ଦେଇପାରୁ ନାହାନ୍ତି। ଏଥିଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି।

-କାଳନ୍ଦୀ ସାମଲ, ସାଧାରଣ ସମ୍ପାଦକ, ଭାଜପା

### ବୈମାତୃକ ମନୋଭାବର ନମୁନା



ତାଳଚେରବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟରେ ଏଠାରେ ଅଫିସ ଖୋଲାଗଲା। ଅଧିକାରୀମାନେ ଏଠାକୁ ନ ଆସି ଅନୁଗୋଳରେ ରହି ଅୟସ କଲେ। ଫଳରେ ଥଇଥାନ ସମସ୍ୟା ଅଣଦେଖା ହେଉଛି। ତାଳଚେରବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସର୍ବଦା ଦେଖିବାକୁ ମିଳୁଛି।

-ଜ୍ଞାନରଞ୍ଜନ ପାଣି, ବ୍ଲକ ସଭାପତି, କଂଗ୍ରେସ

### ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଳନ ହୋଇନି



ତାଳଚେର ହେଉଛି ସବୁଠାରୁ ବଡ କ୍ଷତିଗ୍ରସ୍ତ ଅଞ୍ଚଳ। କିନ୍ତୁ ଏହି କ୍ଷତିଗ୍ରସ୍ତଙ୍କ ସମସ୍ୟା ବୁଝିବା ନିମନ୍ତେ ଖୋଲାଯାଇଥିବା ଅଫିସରେ ତାଲା ପଡିଛି। ଥଇଥାନ ଅଧିକାରୀ ପଦବୀ ପୂରଣ କରାଯିବ ବୋଲି ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପାଳନ ହୋଇନାହିଁ।

-ବିଭୁଧେନ୍ଦ୍ର ପ୍ରତାପ ଦାସ, ସଭାପତି, ବ୍ରାହ୍ମଣୀ ଅଞ୍ଚଳ ସୁରକ୍ଷା ପରିଷଦ

## 'କ୍ଷମତା ରାଜନୀତିଠାରୁ ଦୂରରେ ଥିଲେ ମାଳତୀ ଦେବୀ'

**ଅନୁଗୋଳ ଅଫିସ, ୨୭।୭**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକକର୍ମୀ ସେଞ୍ଚୁରୀ ଶୁକ୍ଳାଙ୍କ ସଭାପତିତ୍ୱରେ ସଭାରେ ଶିକ୍ଷାବିତ ବ୍ରହ୍ମାନନ୍ଦ ସାହୁ ମୁଖ୍ୟ ଅତିଥି ଓ ସ୍ୱପ୍ନା ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବତନ ସଭାପତି ଆନନ୍ଦ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ କହିଥିଲେ ଯେ, ମାଳତୀଦେବୀ ନିଃସ୍ୱାର୍ଥପର ଭାବେ ଦେଶସେବା କରିଥିଲେ। କ୍ଷମତା ରାଜନୀତି ଠାରୁ ସବୁବେଳେ ଦୂରରେ ଥିଲେ। ନିଜ ଭିତରେ ନୁମା ଓ ବାପିଙ୍କ ଚିନ୍ତାଧାରାକୁ ବଞ୍ଚାଇ ରଖିପାରିଲେ, ତାହା ହିଁ ହେବ ନୁମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସ୍ମୃତିଚାରଣ ସଭାରେ ଚୈତନ୍ୟ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ଧନେଶ୍ୱର ସାହୁ, ଲିପିକା ମହାପାତ୍ର, ସରସ୍ୱତୀ ସ୍ୱାଇଁ, ସନ୍ତୋଷ ଭୋଇ, ରାଜଲକ୍ଷ୍ମୀ ମହାନ୍ତି, ମାମାଲି ଗଡ଼ନାୟକ, ଅଞ୍ଜେଲିସା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ନବଜୀବନ ମଣ୍ଡଳ ସମ୍ପାଦକ ମୁରଲୀଧର ମୂଳିଆ ଧନ୍ୟବାଦ ଦେଇଥିଲେ। ସେହିପରି ନବ-ମାଳତୀ ଚୌଧୁରୀ ସ୍ମୃତି କମିଟି ପକ୍ଷରୁ ସୋମବାର ମାଳତୀଦେବୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଅତିଥି ଭାବେ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ଦେହୁରୀ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି, ବିଦ୍ୟାଧର ନାୟକ, ସୁଦୀପ ଗଡ଼ନାୟକ, ଦିଲେଶ୍ୱର ପ୍ରଧାନ ଯୋଗ ଦେଇ ମାଳତୀ ଦେବୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମାଳତୀ ଦେବୀ ଶିକ୍ଷା ଓ ନାରୀ ଶକ୍ତିକୁ ଯଥେଷ୍ଟ ଗୁରୁତ୍ୱ ଦେଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟି ଆବାହକ ଅଦ୍ୟାଶ୍ଳୋକ ମିଶ୍ର, ବିଭୂତି କିଷାନ, ଛୋଟରାୟ ମାଝି, ଆଦିତ୍ୟ ପ୍ରସାଦ ପଣ୍ଡା, ଦିବ୍ୟଜ୍ୟୋତି ନାୟକ, ନିରୋଦ କୁମାର ସାହୁ, ସିଦ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର



**ବଇଣ୍ଡା,୨୭।୭(ଡି.ଏନ.ଏ.):** କିଶୋରନଗର ବ୍ଲକରେ ବିଭିନ୍ନ ସମସ୍ୟା ଲାଗିରହିଛି। ପ୍ରଶାସନ ପକ୍ଷରୁ ତାହାର ସମାଧାନ କରାଯାଉନାହିଁ। ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ କିଶୋରନଗର ଭାଜପା ପକ୍ଷରୁ ସୋମବାର ଏକ ଦାବିପତ୍ର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ, ଅର୍ଜୁନ ପାଣ୍ଡେ, ସଞ୍ଜାମୁରା ସମିତିସଭ୍ୟ ସଞ୍ଜୀବ ପାତ୍ର, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କିଶୋରନଗର ବ୍ଲକ ଅଞ୍ଚଳର ଚାଷୀମାନଙ୍କ ପାଇଁ ସାର ଅଭାବ ଦେଖାଦେଇଛି। ଚାଷ ପାଇଁ ଆବଶ୍ୟକ ଥିବା ସାର ମିଳୁନାହିଁ। ଠିକ୍ ସମୟରେ ଏହା ଯୋଗାଇବା ସହ ସମସ୍ତ ପଞ୍ଚାୟତରେ କୋରୋନା ଟିକାଦାନ କରିବା ଉପରେ ଧ୍ୟାନ ଦିଆଯାଉ।

## କଟକଣା ତଦାରଖ କଲେ ଉପଜିଲାପାଳ



ସେବାଶ୍ରମ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି ଉପଜିଲାପାଳ।

**ପାଲଲହଡ଼ା,୨୭।୭(ଡି.ଏନ.ଏ.)**

କରୋନା କଟକଣା ମଧ୍ୟରେ ବିଦ୍ୟାଳୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। କୋଭିଡ୍ ନିୟମ ଠିକ୍ ଭାବେ ପାଳନ ପାଇଁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯିବା ସହିତ ଏହାର ତଦାରଖ ନିମନ୍ତେ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ଉପଖଣ୍ଡର ଆଦର୍ଶ ବିଦ୍ୟାଳୟ, ମାଲ୍ୟଗିରି ଉଚ୍ଚ ବିଦ୍ୟାଳୟ ଏବଂ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି କରୋନା ମାର୍ଗଦର୍ଶିକା ପାଳନ କରାଯାଉଛି କି ନାହିଁ ତାହାର ତଦାରଖ କରିଥିଲେ। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ହାତଧୋଇବା, ସାନିଟାଇଜର ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସଚେତନ କରିଥିଲେ। ପରେ ଉପଜିଲାପାଳ ପ୍ରଧାନ କମ୍ପରକଳା ସେବାଶ୍ରମକୁ ଯାଇ ଆଦିବାସୀ କଲ୍ୟାଣ ପାଣ୍ଠିରେ ନିର୍ମାଣାଧୀନ ଭୋଜନାଳୟ, ଅତିରିକ୍ତ ଶ୍ରେଣୀଗୃହ, ପୁସ୍ତକାଳୟ ଓ ଶୌଚାଳୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

## ମଦ ଜବତ, ୪ ଗିରଫ

**କଣିହାଁ/ବଇଣ୍ଡା,୨୭।୭(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ଝୁଲାଖୁଣ୍ଟିଆ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ସମଲ ପୋଲିସ ଗିରଫ କରିଛି। ଗ୍ରାମର ମୁରଲୀ ସାମଲ(୫୦) ଚୋରାରେ ବିଦେଶୀ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ୪୩ ବୋତଲ ମଦ ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ରାଜିଙ୍ଗି ଗ୍ରାମରେ ଚଢାଉ କରାଯାଇ ମିଟୁ ମିର୍ଦ୍ଧାଙ୍କ ଘରୁ ୨୫ ଲିଟର, ଟୁମକି ମିର୍ଦ୍ଧାଙ୍କ ଘରୁ ୩୦ ଲିଟର, କୁଟେଶ୍ୱର ଗ୍ରାମର ସୁମନ୍ତ ବେହେରାଙ୍କ ଘରୁ ୩୦ ଲିଟର ମଦ ଜବତ କରାଯାଇଛି। ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବଳବୀର ଗଡନାୟକ, ଅମରଦୀପ କୁଜୁର, ବବୁଲ ଦେହୁରୀ, କୁନ୍ତଳା ବେହେରା ପ୍ରମୁଖ ଚଢାଉ କରିଥିଲେ।

## ସେନାର ଭୂମିକା ଉପରେ ଆଲୋକପାତ

**ଅନୁଗୋଳ ଅଫିସ, ୨୭।୭**

ଅନୁଗୋଳ ଜିଲା କଳାକେନ୍ଦ୍ର ଠାରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଶହୀଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଏଥିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଗିଲ ଯୁଦ୍ଧରେ ଭାରତୀୟ ଯବାନଙ୍କ ଅପୂର୍ବ ସାହସିକତା ଓ ବଳିଦାନ ଅତୁଳନୀୟ। ଆଜିର ଯୁବ ସମାଜ ଏଥିରୁ ଅନୁପ୍ରାଣିତ ହେବେ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଡାକ୍ତର ଉମେଶ ଦାସ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, କାର୍ଗିଲ ଶହୀଦ୍ ମାନସଙ୍କ ଭାଇ ମନୋଜ ସାହୁ ପ୍ରମୁଖ ଯୋଗଦେଇ ଅଖଣ୍ଡତା ତଥା ଦେଶ ସୁରକ୍ଷାରେ ସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହ ଅନ୍ୟ ଅତିଥିମାନେ।

ସଂଘ ସଭାପତି ପ୍ରତାପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶହୀଦ୍ ମାନସଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶହୀଦ୍ ମାନସଙ୍କ ମା' ବସନ୍ତ ମଞ୍ଜରୀ ସାହୁଙ୍କୁ ମୁଖ୍ୟଅତିଥି ସାହୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସିଆଇଏସ୍ଏଫ୍ ପକ୍ଷରୁ ଚାରା ରୋପଣ



**ତାଳଚେର,୨୭।୭(ନି.ପ୍ର.)**- ତାଳଚେର ଫର୍ଟିଲାଇଜର ଲିମିଟେଡ (ଟିଏଫ୍ଏଲ୍) ସିଆଇଏସ୍ଏଫ୍ ୟୁନିଟ୍ ପକ୍ଷରୁ ବ୍ୟାରେକ ଅଞ୍ଚଳରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିଏଫ୍ଏଲ୍ ଡାଇରେକ୍ଟର ଅପରେଶନ ସଞ୍ଜୟ ଆରୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନିଜେ ଚାରା ରୋପଣ କରିବା ସହ ଅନ୍ୟମାନଙ୍କୁ ଚାରା ଲଗାଇବାକୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ପଞ୍ଚାନନ ହଲଧର, ବି. ଗୋସାଇନ, ଉପଦେଷ୍ଟା ସୁମନ୍ତ କୁମାର ପ୍ରଧାନ, ସିଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡର କେ.କେ. ପାତ୍ର, ସାରକାରଖାନା କର୍ମଚାରୀ, ସିଆଇଏସଏଫ ଅଧିକାରୀ ଉପସ୍ଥିତ ଥିଲେ।

## ନୂତନ ଟ୍ରଷ୍ଟ ବୋର୍ଡ ଗଠନ

**ଛେଣ୍ଡିପଦା,୨୭।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କ ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି। ଏ ନେଇ କୋଶଳା ଗ୍ରାମ କମିଟି ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ କମିଟି ସଭାପତିଙ୍କ ସମେତ ସମସ୍ତ ଦଳବେହେରା, ପୂର୍ବତନ ଟ୍ରଷ୍ଟ ବୋର୍ଡ ସଦସ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବଗୋଷ୍ଠୀ ଓ ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଭାପତି ଭାବେ ଉଦିତ୍ କୁମାର ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଭ୍ୟ ଭାବେ ଅଶୋକ ସାହୁ, ଧୀରେନ ସାହୁ, ଅଶୋକ ରଞ୍ଜନ ପ୍ରଧାନ, ଦିଲୀପ ସାହୁ, ସନ୍ତୋଷ ସାହୁ, ପ୍ରଭାକର ସାହୁ, ପର୍ଶୁରାମ ରାଉଳ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଠାକୁରାଣୀଙ୍କ ପରିଚାଳନା ନିମନ୍ତେ ୨୩ ଜଣ ସଭ୍ୟଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା।



ନୂତନ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ବୈଠକ ଚାଲିଛି।

## ସହାୟତା ଆଳରେ ନେଉଛନ୍ତି ଟଙ୍କା

**ଅନୁଗୋଳ ଅଫିସ, ୨୭।୭**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ଦଲାଲ୍। ବିଭିନ୍ନ କାର୍ଯ୍ୟରେ ସହାୟତା ଆଳରେ ରୋଗୀ ଓ ସମ୍ପର୍କୀୟଙ୍କ ଠାରୁ ସେମାନେ ହଜାର ହଜାର ଟଙ୍କା ନେଇ ପଳାଇ ଯାଉଛନ୍ତି। ଦିନେ ଦୁଇ ଦିନ ପରେ ପୁଣି ନୂଆ ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି। ବାରମ୍ବାର ଏପରି ଘଟଣା ଘଟୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ସୁରକ୍ଷା କର୍ମୀମାନେ ଦଲାଲଙ୍କୁ ନ ଧରି ନୀରବ ରହୁଛନ୍ତି। ସେହିପରି ମେଡିକାଲ ମଧ୍ୟରେ ପଶି କେତେଜଣ ଚୋର ବିଭିନ୍ନ ସାମଗ୍ରୀ ଚୋରି କରୁଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ନେଉ ନ ଥିବାରୁ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଗତ ୧୫ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଷ ୱାର୍ଡରେ ଜଣେ ରୋଗୀଙ୍କ ସମ୍ପର୍କୀୟ ଦଲାଲଙ୍କ ଦ୍ୱାରା ଠକାମିର ଶିକାର ହୋଇଥିଲେ। ଦଲାଲ ଜଣକ ଔଷଧ ଆଣି ଦେବାକୁ କହି ୫ଶହ ଟଙ୍କା ନେଇ ଉଭାନ ହୋଇଯାଇଥିଲେ। ସେହିପରି ୧୭ ତାରିଖରେ ମେଡିକାଲର ସଫେଇ କର୍ମଚାରୀ କହି ଜଣେ ଦଲାଲ



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

- ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଲୁଛନ୍ତି ଦଲାଲ
- ଦେଖୁଥିଲେ ମଧ୍ୟ ନୀରବ ରହୁଛନ୍ତି ସୁରକ୍ଷା କର୍ମୀ
- ପଦକ୍ଷେପ ନେଉନାହାନ୍ତି ମେଡିକାଲ କର୍ତ୍ତୃପକ୍ଷ

ରୋଗୀଙ୍କ ସମ୍ପର୍କୀୟଙ୍କୁ ଠକେଇ କରିଥିଲେ। ଦେବଗଡ଼ ଜିଲା କୁଣ୍ଢେଇଗୋଳା ଅଞ୍ଚଳ ପରା ଗ୍ରାମର ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦଲାଲ୍ ଟାର୍ଗେଟ କରିବା ସହ ରକ୍ତ ଆଣି ଦେବା କଥା କହି ୮ଶହ ଟଙ୍କା ଓ ବାଇକ୍ ନେଇ ଚମ୍ପଟ ମାରିଥିଲେ। ସେହିଦିନ ସନ୍ଧ୍ୟାରେ ଅସ୍ତ୍ରୋପଚାର ଗୃହ ସମ୍ମୁଖରୁ ଜଣେ ଦୁର୍ବୃତ୍ତ ଡାକ୍ତରଙ୍କ ଜୋତା ଓ ଅନ୍ୟ ସାମଗ୍ରୀ ଚୋରି କରିଥିଲେ। ପ୍ରତ୍ୟହ ଏଭଳି ଘଟଣା ଘଟୁଥିବାବେଳେ ସୁରକ୍ଷା କର୍ମୀ ଚୁପ୍ ରହିବା ଓ ଦଲାଲଙ୍କୁ ପ୍ରଶ୍ରୟ ଦେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏଭଳି ଘଟଣା ବାରମ୍ବାର ହେଉଥିବା ନଜରକୁ ଆସିଛି। ସୁରକ୍ଷା କର୍ମୀଙ୍କୁ ତାଗିଦ କରାଯାଇଛି। ସରପ୍ରାଇଜ୍ ଭିଜିଟ୍ କରାଯାଇ ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯିବ।

## ଟ୍ରାନ୍ସଫର୍ମର ଅଚଳ, ମିଳୁନି ପାଣି

**କଣିହାଁ,୨୭।୭(ଡି.ଏନ.ଏ.)**

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମବାସୀ ପାନୀୟ ଜଳ ପାଇଁ ସପ୍ତାହେ ହେଲା ହନ୍ତସନ୍ତ ହେଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨ ବର୍ଷ ପୂର୍ବରୁ ପ୍ରକଳ୍ପ ନିର୍ମାଣ କରାଯାଇ ଓଭରହେଡ ଟାଙ୍କି ମାଧ୍ୟମରେ ଗ୍ରାମକୁ ଜଳଯୋଗାଣ କରାଯାଉଥିଲା। କିନ୍ତୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବାରୁ କୂଅରୁ ପାଣି ଉଠାଯାଇପାରୁନାହିଁ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମର କାଳନ୍ଦୀ ସାହୁ, କ୍ଷେତ୍ରବାସୀ ସାହୁ, ଦୁଷ୍ମନ୍ତ ସାହୁ, ଗ୍ରାମ ସଭାପତି ସୁଧୀର ପ୍ରଧାନ କହିଛନ୍ତି, ସୋମବାର ବିଭାଗର କର୍ମଚାରୀମାନେ ଆସି ଟ୍ରାନ୍ସଫର୍ମର ଦେଖିଯାଇଛନ୍ତି। ଆଉ ଥରେ ଯାଞ୍ଚ ପରେ ମରାମତି ହେବ କି ନାହିଁ ତାହା ଜଣାପଡ଼ିବ ବୋଲି କର୍ମଚାରୀମାନେ ଗ୍ରାମବାସୀଙ୍କୁ କହିଛନ୍ତି। ଏ ନେଇ କଣିହାଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ କହିଛନ୍ତି, ଗ୍ରାମବାସୀ ଯେପରି ତୁରନ୍ତ ପାଣି ପାଇବେ, ସେ ନେଇ ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ୩୯ କରୋନା ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୭।୭:** ଢେଙ୍କାନାଳ ଜିଲାରୁ ଦିନକରେ ୩୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୪, ହିନ୍ଦୋଳ ବ୍ଲକର ୮, କାମାକ୍ଷାନଗର ବ୍ଲକର ୯, ଓଡ଼ାପଡ଼ା ବ୍ଲକର ୨, ସଦର ବ୍ଲକର ୪, ପରଜଙ୍ଗ ବ୍ଲକର ୩, କାମାକ୍ଷାନଗର ଏନ୍ଏସିର ୩, ଭୁବନ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୫ ଜଣ ଅଛନ୍ତି। ସେହିପରି ୨୪ ଘଣ୍ଟାରେ ୪୩ ଜଣ ସୁସ୍ଥ ହୋଇଛନ୍ତି। ଜିଲାରୁ ଅଦ୍ୟାବଧି ୧୮,୯୨୭ ପଜିଟିଭ୍ ଚିହ୍ନଟ ହୋଇସାରିଥିବାବେଳେ ୧୮,୨୮୭ ଜଣ ସୁସ୍ଥ ହୋଇସାରିଲେଣି। ୧୦୮ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୫୩୨ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ହିନ୍ଦୋଳ ବ୍ଲକ ବମ୍ପା ପଞ୍ଚାୟତର ବ୍ରାହ୍ମଣୀପାଳ ଗ୍ରାମକୁ ଅଗଷ୍ଟ ୨ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ପୋଖରୀରେ ବୁଡ଼ି ହୋଟେଲ ମିସ୍ତ୍ରି ମୃତ

**ପରଜଙ୍ଗ, ୨୭।୭(ଡି.ଏନ୍.ଏ.):** ପରଜଙ୍ଗ ଥାନା କୁଆଳୋ ପଞ୍ଚାୟତ ପରମହଂସପୁର ଗ୍ରାମ ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଦରସିଂହା ଗ୍ରାମର ବାନାମ୍ବର ବିଶ୍ୱାଳ (୪୮)। ବାନାମ୍ବର ପରମହଂସପୁର ସାଇ ଓମ୍‌ଫେଡ୍ ପ୍ଲାଜାରେ ହୋଟେଲ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ସେ ଗାଧୋଇବାକୁ ଆସି ଆଉ ଫେରି ନ ଥିଲେ। ପୋଖରୀ ହୁଡ଼ାରେ ସାଇକେଲ ଏବଂ ଚପଲ ରଖାଯାଇଥିବାରୁ ସେ ବୁଡ଼ି ଯାଇଥିବା ସନ୍ଦେହ କରି କରି ସ୍ଥାନୀୟ ଲୋକେ ପୋଲିସ ଏବଂ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ବସ୍ତିରେ ଖୋଲିବ ପାଠଶାଳା

**ଢେଙ୍କାନାଳ ଅଫିସ, ୨୭।୭:** ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ସଦର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଶାଳୁଆଣି ସାହିରେ ଗୁରୁଦେବଜୀ ଫାଉଣ୍ଡେଶନ୍ ପକ୍ଷରୁ ଗୁରୁଦେବଜୀ ପାଠଶାଳାର ଶୁଭାରମ୍ଭ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଙ୍ଗଧର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ମାସ୍କ, ଇଂଲିଶ ବର୍ଣ୍ଣବୋଧ, ପାଠ୍ୟପୁସ୍ତକ ଉପକରଣ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ପ୍ରିୟଦର୍ଶିନୀ ସହଜ ଇଂଲିଶ ଶିକ୍ଷା ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଢେଙ୍କାନାଳର ପ୍ରତି ବସ୍ତିରେ ଏଭଳି ପାଠଶାଳା ଖୋଲାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ମୋହିନୀ ମେନାଲିସା, ଲୋପାମୁଦ୍ରା ସାହୁ, ରାମେଶ୍ୱରୀ ପଟ୍ଟନାୟକ, ଶୁଭଦର୍ଶିନୀ ମାଟି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଂଯୋଜକ ଇନ୍ଦ୍ରଜିତ୍ ସାହୁ ପରିଚାଳନା କରିଥିଲେ।

### ଖବରଦାତାଙ୍କୁ ମାଡ଼ ଘଟଣାର ନିନ୍ଦା

**ଢେଙ୍କାନାଳ ଅଫିସ, ୨୭।୭:** କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଖବରଦାତା ଭୀମସେନ ସେଠୀଙ୍କୁ ଜଣେ ମହିଳା କନଷ୍ଟେବଲ ମାଡ଼ ମାରିବା ଘଟଣାକୁ ମଙ୍ଗଳବାର ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅଭିଯୁକ୍ତା କନଷ୍ଟେବଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖବରଦାତାଙ୍କୁ ମାଡ଼ ମାରିଥିବା ମହିଳା କନଷ୍ଟେବଲଙ୍କୁ ଚାକିରିରୁ ବରଖାସ୍ତ କରିବା ଲାଗି ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅଥୟ ସାହୁ, ଗଙ୍ଗାଧର ରାଉତ, ଅମନ ଆୟୁଷ୍ମାନ ଦାସ, ବିନୋଦ ମହାନ୍ତି, ଅମଜାଦ ଖାନ, ଅଂଶୁମାନ ମହାପାତ୍ର, ଦୁଷ୍ମନ୍ତ ବରାଳ ପ୍ରମୁଖ ଦାବି କରିଛନ୍ତି।

### ଶ୍ୱଶୁରଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୨୭।୭:** ପାରିବାରିକ କଳହକୁ କେନ୍ଦ୍ର କରି ଶ୍ୱଶୁର ଘରେ ଆତ୍ମହତ୍ୟା କରିଛନ୍ତି ଜ୍ୱାଇଁ। ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ ଜଙ୍କିରା ଗ୍ରାମର ବଳିଆ ନାଏକ (୨୨)। ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନରେ ବଳିଆ ତରଭା ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଆସି ସ୍ତ୍ରୀ ଫୁଲ ନାଏକଙ୍କ ସହ କୌଣସି କାର୍ଯ୍ୟରେ ଢେଙ୍କାନାଳ ଯାଇଥିଲେ। କାମ ସାରି ଶ୍ୱଶୁର ଘରକୁ ଫେରିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫୁଲ ନିଜ ମା'ଙ୍କୁ ଡାକିବାକୁ ଯାଇଥିବାବେଳେ ବଳିଆ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ସଦର ଥାନାରେ ନଂ. ୩୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଏକାଠି କଲା ଅବହେଳା



ନାଳ ଉପରେ ପୋଲ ନିର୍ମାଣ କରିବା ଲାଗି ଏକାଠି ହୋଇଥିବା ଗ୍ରାମବାସୀ।

**ଛେଣ୍ଡିପଦା, ୨୭।୭(ସ୍ୱ.ପ୍ର.)**

- ପ୍ରଶାସନ ଶୁଣିଲାନି ୧୭୦ ପରିବାରର ଦୁଃଖ
- ଚାନ୍ଦା ଟଙ୍କାରେ ଚାଲିଛି ରାସ୍ତା, ପୋଲ ନିର୍ମାଣ
- ଉଦାହରଣ ସାଜିଲେ ଘୁଣ୍ଟୁଲିପଶି ଗ୍ରାମବାସୀ

ଶିଳ୍ପରେ ସମୃଦ୍ଧ ଜିଲା। ଖଣି ଖାଦାନରେ ଭରପୂର। ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗ୍ରାମାଞ୍ଚଳବାସୀଙ୍କ ଭାଗ୍ୟରେ ଜୁଟିନି ପକ୍କା ସଡ଼କ। ଏଥିଲାଗି ଉଦ୍ୟମ ହୋଇନି ତାହା ନୁହେଁ, ଭଲ ରାସ୍ତାଟିଏ ପାଇଁ ବ୍ଲକ ଅଫିସଠାରୁ ଆରମ୍ଭ କରି ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ନା ମିଳିଲା ପ୍ରତିଶ୍ରୁତି ନା ଆଶ୍ୱାସନା। ସବୁଆଡୁ ନିରାଶ ହେବା ପରେ ପ୍ରଶାସନ ଉପରୁ ଭରସା ତୁଟାଇ ଶେଷରେ ଅଣ୍ଟା ଭିଡ଼ିଛନ୍ତି ଗ୍ରାମବାସୀ। ପ୍ରତି ଘରୁ ଚାନ୍ଦା ଆଦାୟ କରି ସେହି ଟଙ୍କାରେ ପକ୍କା ସଡ଼କ ଏବଂ ପୋଲ ନିର୍ମାଣ ସ୍ୱପ୍ନ ପୂରଣ କରିବାକୁ ଆଗେଇ ଆସିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମାଛକୁଟା ପଞ୍ଚାୟତ ଘୁଣ୍ଟୁଲିପଶିବାସୀ।

ଅଞ୍ଚଳବାସୀଙ୍କ କହିବା କଥା, ଗ୍ରାମରେ ୧୭୦ ପରିବାର ବାସ କରୁଛନ୍ତି। ହେଲେ ଗାଁକୁ ଯାତାୟାତ ଲାଗି ସବୁଦିନିଆ ରାସ୍ତା ନାହିଁ। ବାରମ୍ବାର ପ୍ରଶାସନ, ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଲୋକଙ୍କ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଲେନାହିଁ। ସବୁଆଡୁ ନିରାଶ ହେବା ପରେ ଗ୍ରାମବାସୀ ବୈଠକ କରି ନିଜ ଉଦ୍ୟମରେ ରାସ୍ତା ଏବଂ ପୋଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ସଂଗ୍ରହ କରି ଜେସିବି ମେଶିନ ସାହାଯ୍ୟରେ ଘୁଣ୍ଟୁଲିପଶିଠାରୁ ମାଛକୁଟା କାଉଁଶିନାଳ ପର୍ଯ୍ୟନ୍ତ ପ୍ରାୟ ୫୦୦ ମିଟର ରାସ୍ତା ନିର୍ମାଣ କରାଯାଇଛି। କାଉଁଶିନାଳ ଉପରେ ପୋଲ ନିର୍ମାଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ପୁନର୍ବାର ୩୦ ହଜାର ଟଙ୍କା ଆଦାୟ କରାଯାଇଛି। ଏହି ଟଙ୍କାରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମର ସମସ୍ତ ପରିବାର ଏଥିରେ ଶ୍ରମଦାନ କରୁଛନ୍ତି।

**ପ୍ରତିଶ୍ରୁତି ପରିବର୍ତ୍ତେ ନିରାଶ ହୋଇଛୁ**



ରାସ୍ତା, ପୋଲ ନିର୍ମାଣ ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କ ଦ୍ୱାରସ୍ଥ ହୋଇଥିଲୁ। ଅଧିଗ୍ରହଣ ଅଞ୍ଚଳ ହୋଇଥିବାରୁ ସେଠାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେବ ନାହିଁ ବୋଲି କହି ସମସ୍ତେ ନିରାଶ କଲେ। କେହି ଦୁଃଖ ନ ଶୁଣିବାରୁ ନିଜ ପାଇଁ ନିଜେ ନ୍ୟାୟରେ ଏକାଠି ହୋଇଛୁ।

-ରଞ୍ଜନ କୁମାର ସାହୁ, ଅଞ୍ଚଳବାସୀ

**ସୀମା ଟପିଲାଣି ସମସ୍ୟା**



ଗ୍ରାମକୁ ଯାତାୟାତ ପାଇଁ ଭଲ ରାସ୍ତା ନାହିଁ। ଯାନିଯାତ୍ରା, ବିବାହ କାର୍ଯ୍ୟରେ ବନ୍ଧୁବାନ୍ଧବ ଆସିବାକୁ ଅମଙ୍ଗ ହେଉଛନ୍ତି। ରୋଗୀଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ସମସ୍ୟା ସୀମା ଟପିବା ପରେ ନିଜସ୍ୱ ଉଦ୍ୟମରେ ବିକାଶମୂଳକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛୁ।

-ସୁସ୍ମିତା ସାହୁ, ଅଞ୍ଚଳବାସୀ

**ହନ୍ତସନ୍ତ ହେଉଛନ୍ତି ୫ ଗ୍ରାମର ବାସିନ୍ଦା**



ପକ୍କା ସଡ଼କ ନ ଥିବାରୁ ଘୁଣ୍ଟୁଲିପଶି ଗ୍ରାମ ରାସ୍ତା ଉପରେ ନିର୍ଭରଶୀଳ ୫ ଗ୍ରାମର ବାସିନ୍ଦା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ଗ୍ରାମଠାରୁ ୨ କି.ମି. ଦୂରରେ ଥିବା ଏକ ବିଦ୍ୟାଳୟ ସହିତ ଗ୍ରାମର ହାଇସ୍କୁଲର ମିଶ୍ରଣ ହୋଇଯିବା ପରେ ଛାତ୍ରୀଛାତ୍ରଙ୍କ ଅସୁବିଧା ବଢ଼ିଛି। ଏହାର ସ୍ଥାୟୀ ସମାଧାନ ଲାଗି ଗ୍ରାମବାସୀଙ୍କ ଉଦ୍ୟମରେ ରାସ୍ତା ତିଆରି ଚାଲିଛି।

-ରୂପସ୍ମିତା ସାହୁ ,ଛାତ୍ରୀ

**ସମସ୍ୟାର ସମାଧାନ କରାଯିବ**



ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରୁଥିବା ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧି କିମ୍ବା ନିର୍ବାହୀ ଅଧିକାରୀ ଅବଗତ କରାଇନାହାନ୍ତି। ପ୍ରତ୍ୟେକ ଗ୍ରାମକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରିବା ଲାଗି ସରକାରୀ ନିର୍ଦ୍ଦେଶନାମା ରହିଛି। ଘଟଣାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ।

-ସଞ୍ଜୟ କୁମାର ଆଚାର୍ଯ୍ୟ, ଛେଣ୍ଡିପଦା ବିଡିଓ

ସୂଚନାଯୋଗ୍ୟ, ଘୁଣ୍ଟୁଲିପଶି ଅଧିଗ୍ରହଣ ଅଞ୍ଚଳ ହୋଇଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। କୌଣସି କମ୍ପାନୀ ଅଦ୍ୟାବଧି ଜମି ଅଧିଗ୍ରହଣ କରି ନ ଥିବାବେଳେ ବିକାଶମୂଳକ କାମ ଅଟକି ରହିଛି, ଯାହା ୧୭୦ ପରିବାର ପାଇଁ ସମସ୍ୟା ବଢ଼ାଇଛି। ପ୍ରଶାସନର ଅବହେଳା ଗ୍ରାମବାସୀଙ୍କୁ ଏକାଠି କରିଥିବାବେଳେ ସେମାନେ ନିଜସ୍ୱ ଉଦ୍ୟମରେ ରାସ୍ତା ଓ ପୋଲ ନିର୍ମାଣ କରିବାକୁ ଚେଷ୍ଟା ଜାରି ରଖିଥିବା କହିଛନ୍ତି।

## 'ଅଧ୍ୟବସାୟ ସଫଳତା ଆଣିବ'

**କାମାକ୍ଷାନଗର, ୨୭।୭(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ମଙ୍ଗଳବାର ଚଳିତବର୍ଷ କୃତକାର୍ଯ୍ୟ ହୋଇଥିବା ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ବିକାଶ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ର ଜୀବନରେ ସର୍ବଶ୍ରେଷ୍ଠ ସମ୍ବଳ ହେଉଛି ଶିକ୍ଷା। କଠୋର ଅଧ୍ୟବସାୟ ସଫଳତା ଆଣିବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ଅବସରରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ରାକେଶ ମହାରଣା, ଶୁଭଙ୍କର ସାହୁ, ସ୍ୱାଧୀନ ସାହୁ, ଅଙ୍କିତ ଶୁଭଙ୍କର ପରିଡ଼ା, ପିଙ୍କଲ ସାହୁ, ଶୁଭସ୍ମିତା ପ୍ରଧାନଙ୍କ ସମେତ ମୋଟ ୨୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲୋକନାଥ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୀବ ନନ୍ଦ ଉପସ୍ଥିତ ରହି ପିଲାମାନଙ୍କ ମାର୍ଗଦର୍ଶନ କରାଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ନିର୍ମଳ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, କବିତା ରାଉତ, ପ୍ରଭାତୀ ସାହୁ, ଜ୍ୟୋତିର୍ମୟୀ ସାହୁ, ରୋଜାଲିନ ପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ ବର୍ଷ ହେଲା ଶଯ୍ୟାରେ ସନ୍ତୋଷ

**ହିନ୍ଦୋଳ, ୨୭।୭(ଡି.ଏନ୍.ଏ.)**

ସାଇକେଲରେ କାମକୁ ଯାଉଥିବାବେଳେ ଭାରସାମ୍ୟ ହରାଇ କାଦୁଅ ରାସ୍ତାରେ କଚାଡ଼ି ହୋଇ ପଡ଼ିଲେ। ଅଣ୍ଟାରେ ଲାଗିଥିବା ଆଘାତ ଶରୀରକୁ ଅଚଳ କରିଦେଲା। ସେହିଦିନଠାରୁ ୩ ବର୍ଷ ହେଲା ଶଯ୍ୟାରେ ପଡ଼ି ରହିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତ ବାଲିକିଆରୀ ଗ୍ରାମର ସନ୍ତୋଷ ସାହୁ (୩୩)। ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁନାହିଁ। ପରିବାର ସର୍ବସ୍ୱାନ୍ତ ହୋଇଗଲାଣି। ଏଭଳି ସ୍ଥିତିରେ ସିନ୍ଦୂରକୁ ବଞ୍ଚାଇବା ଲାଗି ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି ସ୍ତ୍ରୀ ଶିଶୁଳା।

ଦିନ ମଜୁରିଆ ଭାବେ କାର୍ଯ୍ୟରତ ସନ୍ତୋଷ ସବୁଦିନ ପରି ଘଟଣା ଦିନ ସାଇକେଲ ଧରି କାମକୁ ବାହାରିଥିଲେ। ଗ୍ରାମଠାରୁ ଅଳ୍ପ ଦୂର ଯାଇଥିବାବେଳେ କାଦୁଅ ରାସ୍ତାରେ ଭାରସାମ୍ୟ ହରାଇ ସାଇକେଲରୁ ଖସି ପଡ଼ିଥିଲେ। ଏଥିରେ ତାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପର୍ଯ୍ୟାୟକ୍ରମେ ଅନୁଗୋଳ ଏବଂ କଟକ



ଶଯ୍ୟାଶାୟୀ ସନ୍ତୋଷ ସାହୁ।

- ଚିକିତ୍ସାରେ ଅର୍ଥ ବାଧକ
- ସହାୟତା ପାଇଁ ନିବେଦନ

ବଡ଼ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଅଣ୍ଟାଠାରୁ ଗୋଡ଼ ଯାଏ ଅଚଳ ହୋଇପଡ଼ିଥିବାରୁ ସନ୍ତୋଷ ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି। ଅଦ୍ୟାବଧି ତାଙ୍କ ଚିକିତ୍ସାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି। ଭଲ ହେବା ପାଇଁ ଆହୁରି ୩ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହିବା ପରେ ପରିବାର ମୁଣ୍ଡରେ ଚଡ଼କ ପଡ଼ିଛି।

ସନ୍ତୋଷଙ୍କ ବାପା ସର୍ବେଶ୍ୱର ଜଣେ ପକ୍ଷାଘାତ ରୋଗୀ। ବୃଦ୍ଧା ମା' ରୋଜଗାର କରିବାକୁ ଅସମର୍ଥ। ୭ବର୍ଷର ପୁଅ ହିମାଂଶୁ ଏବଂ ଅଢ଼େଇ ବର୍ଷର ଝିଅ ଲକିଙ୍କୁ ମିଶାଇ ମୋଟ ୬ ପ୍ରାଣୀଙ୍କ ପାଇଁ ପ୍ରତିଦିନ ଆହାର ଯୋଗାଡ଼ କରିବା ଶିଶୁଳାଙ୍କ ପକ୍ଷେ କଷ୍ଟକର ହୋଇଯାଉଛି। ମୂଲମଜୁରି ଲାଗି ଯାହା ଆଣନ୍ତି, ସେଥିରେ ପରିବାର ଚଳାଇବା ଅସମ୍ଭବ। ଜମିବାଡ଼ି କିଛି ନାହିଁ। ସନ୍ତୋଷଙ୍କୁ ଦିବ୍ୟାଙ୍ଗ ତାଲିକାଭୁକ୍ତ କରିବାକୁ ଆବେଦନ କରାଯାଇଥିଲେ ମଧ୍ୟ ତାହା ହୋଇପାରିନାହିଁ। ସମ୍ପୃକ୍ତ ପରିବାରକୁ ସହାୟତାର ହାତ ବଢ଼ାଇବା ସହିତ ସନ୍ତୋଷଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚ ସ୍ନେହଦାୟିନୀ ପୁଷ୍ଟିଙ୍କୁ ପଚାରିବାରେ ସେ କୁହନ୍ତି, ସନ୍ତୋଷଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ। ପଞ୍ଚାୟତ ପକ୍ଷରୁ ଯଥାସାଧ୍ୟ ସହାୟତା ପ୍ରଦାନ କରାଯିବାକୁ ଉଦ୍ୟମ କରାଯିବ।

## ଜମି ବିକ୍ରି ଅନୁମତିର ତଦନ୍ତ ଦାବି

**ଢେଙ୍କାନାଳ ଅଫିସ, ୨୭।୭**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁ ଆଦିବାସୀ, ଦଳିତ ପରିବାରର ଜମି ବିକ୍ରି କରାଯିବାକୁ ଆବେଦନ ହୋଇଛି। ତେବେ ଏଥିରେ ଚଞ୍ଚକତା ହୋଇଥିବା ଅଭିଯୋଗ କରିଛି ସୂଚନା ଅଧିକାର ଅଭିଯାନ ଶାଖା। ସଙ୍ଗଠନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରି ସମୁଚିତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ମଙ୍ଗଳବାର ଲିଖିତ ଭାବେ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, ଜିଲାର ବହୁ ଗରିବ ଆଦିବାସୀ ଏବଂ ଦଳିତଙ୍କ ମୂଲ୍ୟବାନ ଜମିକୁ ବିକ୍ରି କରିବା ଲାଗି ଅନୁମତି ଦିଆଯାଉଛି। ଏଥିରେ ବହୁ ଗରିବ ପରିବାର ଭୂମିହୀନ ହେଉଛନ୍ତି। ଅନୁମତି ଦିଆଯାଇଥିବା ସମସ୍ତ ମାମଲାର ଅନୁସନ୍ଧାନ କରି ଜମି ବିକ୍ରି ଅନୁମତିକୁ ଖାରଜ କରିବା, ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜମି ବିକ୍ରିରେ ହୋଇଥିବା ଅର୍ଥ କାରବାରର ତଦନ୍ତ କରିବା ଲାଗି ସୂଚନା ଅଧିକାର କର୍ମୀ ଜୟକୃଷ୍ଣ ବେହେରା, ପ୍ରିୟବ୍ରତ ଗଡ଼ନାୟକ, ବୈକୁଣ୍ଠନାଥ ଦ୍ୱିବେଦୀ, ବିକାଶ ନାୟକ ପ୍ରମୁଖଙ୍କ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଆବଣ୍ଟନ ପୂର୍ବରୁ ଦୋକାନଘର ଫାଟି ଆଁ

**ହିନ୍ଦୋଳ, ୨୭।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ମେଡିକାଲ ଛକରେ ଏନ୍ଏସି ପକ୍ଷରୁ ନବନିର୍ମିତ ୬ ଦୋକାନ ଘର କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଆବଣ୍ଟନ ପୂର୍ବରୁ ଘରଗୁଡ଼ିକ ଫାଟି ଆଁ କଲାଣି। ଏହାର ତଦନ୍ତ କରିବାକୁ ସୋମବାର ମେଡିକାଲ ଛକ ବଣିକ ସଂଘର କେତେଜଣ ସଭ୍ୟ ଉପଜିଲାପାଳ ଏବଂ ନିର୍ବାହୀ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ବର୍ଷକ ତଳେ ଦୋକାନ ଘର ନିର୍ମାଣ ଲାଗି ଏନ୍ଏସି ପକ୍ଷରୁ ଟେଣ୍ଡର ହୋଇଥିଲା। ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୬ ଦୋକାନ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ କାମ ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ନ ଦେଇ ରାତାରାତି ମରାମତି କରି କାମ ଶେଷ କରିଦେଲେ। ଫଳରେ ଘରର ଅନେକ ସ୍ଥାନରେ ଏବେ ଫାଟ ସୃଷ୍ଟି ହୋଇଛି। ବର୍ଷକ ଭିତରେ ଦୁଇ ଥର ମରାମତି ହେବା ସତ୍ତ୍ୱେ ବାରଣ୍ଡା, ପାହାଚରୁ ସିମେଣ୍ଟ କଂକ୍ରିଟ ଉଠିଗଲାଣି। ଦୋକାନ ଘରଗୁଡ଼ିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟରେ



ଭାଙ୍ଗିରୁଜି ଯାଇଥିବା ଦୋକାନ ଚଟାଣ।

- ଉପଜିଲାପାଳଙ୍କୁ ଫେରାଦ
- ପ୍ରଶାସନର ତଦନ୍ତ ପ୍ରତିଶ୍ରୁତି

ବ୍ୟାପକ ଅର୍ଥ ହେରଫେର ହୋଇଥିବା ଅଭିଯୋଗ କରି ମେଡିକାଲ ଛକ ବଣିକ ସଂଘର କେତେଜଣ ସଦସ୍ୟ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଏବଂ ନିର୍ବାହୀ ଅଧିକାରୀ ଗଜାନନ ପ୍ରଧାନଙ୍କୁ ସାକ୍ଷାତ କରିଥିଲେ। ଏହି କାର୍ଯ୍ୟ ନେଇଥିବା ଠିକାଦାର ଏବଂ ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାର ନିରପେକ୍ଷ ତଦନ୍ତ କରିବାକୁ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

## ୧୫୩ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୨୭।୭**

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କରୋନା ସମୟରେ ଜିଲା ରକ୍ତ ଭଣ୍ଡାରରେ ସୃଷ୍ଟି ହୋଇଥିବା ରକ୍ତ ଅଭାବଜନିତ ସମସ୍ୟା ଦୂର କରିବାକୁ ଏଭଳି ଶିବିର ଆୟୋଜନ କରାଯାଇଥିଲା। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶିବିରରେ ୧୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରେଡ୍‌କ୍ରସ୍ ପକ୍ଷରୁ ବିରଞ୍ଚି ନାରାୟଣ ପାଣି, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସାଇ ସତ୍‌ସଙ୍ଗ ଟ୍ରଷ୍ଟ ପକ୍ଷରୁ ତୃତୀୟ ଥର ଏଭଳି ଶିବିର ଆୟୋଜନ କରାଯାଇଥିବା ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।



ଜଣେ ମହିଳା ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ସହାୟତା ମାଗିଲେ ସେବାୟତ

**କାମାକ୍ଷାନଗର, ୨୭।୭(ଡି.ଏନ୍.ଏ.)**

କରୋନା କଟକଣା ପାଇଁ ଶ୍ରଦ୍ଧାଳୁଙ୍କ ଲାଗି ମନା ହୋଇଛି ମନ୍ଦିର। ମିଳୁନି ଦାନଦକ୍ଷିଣା। ଫଳରେ କାମାକ୍ଷାନଗରସ୍ଥିତ ପ୍ରସିଦ୍ଧ ରାମେଶ୍ୱର ମନ୍ଦିରରେ ବଂଶାନୁକ୍ରମିକ ସେବା କରି ଆସୁଥିବା ୬ ସେବାୟତ ପରିବାର ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏଭଳି ସଙ୍କଟ ସମୟରେ ସହଯୋଗର ହାତ ବଢ଼ାଇବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ସେମାନେ।

ମହାମାରୀ ପାଇଁ ବଢ଼ିଛି ଭକ୍ତ-ଭଗବାନଙ୍କ ମଧ୍ୟରେ ବ୍ୟବଧାନ। ହେଲେ ଠାକୁରଙ୍କ ନୀତି ଯଥାବିଧି ଜାରି ରହିଛି। କିନ୍ତୁ ଭକ୍ତଙ୍କ ସମାଗମ ହେଉ ନ ଥିବାରୁ ସେବାୟତଙ୍କ ହାତ ଖାଲି। ମିଳୁଥିବା ଦାନଦକ୍ଷିଣା ବନ୍ଦ ହୋଇଯାଇଛି, ଯାହା ଫଳରେ ରାମେଶ୍ୱର ମହାଦେବଙ୍କ ସେବାରେ ନିୟୋଜିତ ସେବାୟତ ପରିବାର ପାଇଁ ସମସ୍ୟା ବଢ଼ାଇଛି।

ଅଭିଯୋଗ ଅନୁଯାୟୀ, ଦେବୋତ୍ତର ବିଭାଗ ଅଧୀନରେ ରହିଛି ଐତିହ୍ୟସମ୍ପନ୍ନ ରାମେଶ୍ୱର ପୀଠ। କରୋନା ମହାମାରୀ ପୂର୍ବରୁ ମନ୍ଦିରରୁ ହେଉଥିବା ଦୈନିକ ଆଦାୟରେ ସେବାୟତ ପରିବାରର କଷ୍ଟେମଷ୍ଟେ ଗୁଜୁରାଣ ମେଣ୍ଟିଯାଉଥିଲା। ତେବେ ସଂକ୍ରମଣ ବଢ଼ିବା ପରେ



ରାମେଶ୍ୱର ମହାଦେବଙ୍କ ସେବାରେ ନିୟୋଜିତ ସେବାୟତମାନେ।

ରାଜ୍ୟ ସରକାର ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ବାରଣ କରିଛନ୍ତି। ତେଣୁ ସେବାୟତଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏପରି କି ଦୁଇଓଳି ଖାଇବା ଯୋଗାଡ଼ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଗଲାଣି। ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ପକ୍ଷରୁ ଅଦ୍ୟାବଧି ସମସ୍ୟାର ବିଚାର କରା ନ ଯିବା ପରିତାପର ବିଷୟ ବୋଲି ସେବାୟତମାନେ କ୍ଷୋଭର ସହ

- ମନ୍ଦିର ବନ୍ଦ, ମିଳୁନି ଦାନଦକ୍ଷିଣା
- ଦୁର୍ଦ୍ଦିନରେ ସେବକ ପରିବାର
- ଆମରଣ ଅନଶନ ଚେତାବନୀ

କହିଛନ୍ତି। ମାସିକ ବେତନ ସହ ତୁରନ୍ତ କରୋନା ସହାୟତା ପ୍ରଦାନ କରା ନ ଗଲେ ସେମାନେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ରାଜ୍ୟ ଶୈବ ପୂଜକ ସଂଘ ସଭାପତି ଆଚାର୍ଯ୍ୟ ଲଳିତ ମହାପାତ୍ର, ଉତ୍କଳ ଶିବଶକ୍ତି ପୂଜକ ସଂଘ ଜିଲା ସଭାପତି ସ୍ୱାଧୀନ ମହାପାତ୍ର ଓ ସମ୍ପାଦକ ଦେବୀଦତ୍ତ ମହାପାତ୍ର ପ୍ରମୁଖ ରାମେଶ୍ୱର ମନ୍ଦିର ସେବକଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ସେବାୟତଙ୍କ ପେଟପାଟଣା କଥା ନ ବୁଝିଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

